# ପୋସ୍କୋ ଜନଶୁଣାଣିରୁ ଶିକ୍ଷା- ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଚିନ୍ତା (୧)

ଜଗତସିଂପୁର ଜିଲ୍ଲାର ଜଟାଧାର ମୁହାଣଠାରେ ପୋସ୍କୋ କମ୍ପାନୀ ଦ୍ୱାରା ପ୍ରସ୍ତାବିତ ହୋଇଥିବା ବହୁଚର୍ଚ୍ଚିତ ଇସ୍ପାତ ପ୍ରକଳ୍ପ ଓ ସାମୁଦ୍ରିକ ବନ୍ଦର ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆୟୋଜନରେ କୁଜଙ୍ଗ ବନବିହାରୀ ହାଇସ୍କୁଲ୍ ପଡିଆରେ ଗତ ୧୫ ଏପ୍ରିଲ୍‌ରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଗତ ୧୪ ସେପ୍ଟେମ୍ବର ୨୦୦୬ରେ ନୂଆ ଭାବେ ଜାରି ହୋଇଥିବା ପରିପାର୍ଶ୍ୱ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି-୨୦୦୬ ଅନୁଯାୟୀ ଏହି ଜନଶୁଣାଣି ପରିଚାଳିତ ହେବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ସମ୍ବାଦପତ୍ରରେ ତାଙ୍କର ୧୫ ମାର୍ଚ୍ଚ ବିଜ୍ଞାପନ ଜରିଆରେ ଘୋଷଣା କରିଥିଲେ । ଉପରୋକ୍ତ ବିଜ୍ଞପ୍ତିର ବିଧିବିଧାନଗୁଡିକ ପ୍ରକୃତପକ୍ଷେ ଅନୁପାଳିତ ହୋଇଛି କି ନାହିଁ, ସେ ବିଷୟ ଭିତରକୁ ଯିବା ପୂର୍ବରୁ ଆମେ ପ୍ରଥମେ ଜାଣିବା ଉଚିତ୍, ଏହି ବିଜ୍ଞପ୍ତିରେ ଜନଶୁଣାଣି ପ୍ରକ୍ରିୟା ସମ୍ବନ୍ଧରେ ଦର୍ଶିତ ହୋଇଥିବା ମୁଖ୍ୟ ବୈଶିଷ୍ଟ୍ୟସବୁ କ'ଣ, ଯାହା ପାଇଁ କି ଏହା ଏଯାବତ୍ ଚଳିଆସୁଥିବା ବିଜ୍ଞପ୍ତି-୧୯୯୪(*ଯାହାକି ୨୦୦୨ ପର୍ଯ୍ୟନ୍ତ ୭ଥର ସଂଶୋଧିତ ହୋଇଛି*) ଠାରୁ ମୌଳିକ ଭାବେ ଭିନ୍ନ ଏବଂ ଅଧିକ ଲୋକାଭିମୁଖୀ, ଏବଂ କହିବାକୁ ଗଲେ ଏକ ଯୁଗାନ୍ତକାରୀ ଘୋଷଣାନାମା ।

ବିଜ୍ଞପ୍ତି ୧୯୯୪ ଓ ବିଜ୍ଞପ୍ତି ୨୦୦୬

ଏହି ଦୁଇଟି ବିଜ୍ଞପ୍ତି ଭିତରେ ପ୍ରଥମ ସୁଦୃଶ୍ୟ ଫରକ୍ ହେଲା, ୧୯୯୪ ବିଜ୍ଞପ୍ତି ଅନୁଯାୟୀ ସ୍ୱତନ୍ତ୍ର ଅର୍ଥନୈତିକ ଶିଳ୍ପାଞ୍ଚଳ (ଏସ୍.ଇ.ଜେଡ୍) ଅଥବା ସ୍ୱତନ୍ତ୍ର ରପ୍ତାନୀ ପ୍ରକ୍ରିୟାୟନ ଶିଳ୍ପାଞ୍ଚଳ (ଏସ୍.ଇ.ପି.ଜୋନ୍) ଭିତରେ ପ୍ରତିଷ୍ଠିତ ହେବାକୁ ଥିବା ଶିଳ୍ପୋଦ୍ୟୋଗଗୁଡିକର ପରିବେଶୀୟ ମଞ୍ଜୁରି ପାଇଁ ଜନଶୁଣାଣି ଦରକାର ନଥିଲା (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୨), କିନ୍ତୁ ୨୦୦୬ ବିଜ୍ଞପ୍ତି ଅନୁଯାୟୀ ଏସବୁ ସକାଶେ ମଧ୍ୟ ଜନଶୁଣାଣି ଜରୁରୀ (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୨) । ସେହିପରି ଅତୀତର ବିଜ୍ଞପ୍ତି ଅନୁଯାୟୀ କ୍ଷୁଦ୍ର ବନ୍ଦର ପ୍ରତିଷ୍ଠା ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟଙ୍କ ପରିବେଶୀୟ ମଞ୍ଜୁରୀ କିମ୍ବା ଜନଶୁଣାଣି ଦରକାର ନଥିଲା (ଦ୍ରଷ୍ଟବ୍ୟ- ଅନୁସୂଚୀ ୧ର ବିନ୍ଦୁ ୩), କିନ୍ତୁ ବର୍ତ୍ତମାନର ବିଜ୍ଞପ୍ତି ଅନୁଯାୟୀ ତାହା ଜରୁରୀ [ଦ୍ରଷ୍ଟବ୍ୟ- ଅନୁସୂଚୀର ବିନ୍ଦୁ ୭(ଇ)] । ପାଠକେ ଜାଣିଥିବେ, ୨୨ଜୁନ୍ ୨୦୦୫ରେ ପୋସ୍କୋ ସହ ହୋଇଥିବା ବୁଝାମଣାରେ ଓଡିଶା ସରକାର ପୋସ୍କୋକୁ ଜଟାଧାର ମୁହାଣରେ ଏସ୍.ଇ.ଜେଡ୍. ତଥା କ୍ଷୁଦ୍ର ବନ୍ଦର ପ୍ରତିଷ୍ଠା ପାଇଁ ସୁଯୋଗ ଦେବା ସକାଶେ ନିଜର ସମ୍ମତି ପ୍ରଦାନ କରିଥିଲେ । କିନ୍ତୁ ସେତେବେଳେ ନୂତନ ବିଜ୍ଞପ୍ତି-୨୦୦୬ ପ୍ରକାଶ ପାଇନଥିଲା, ଏବଂ ଉଭୟ ରାଜ୍ୟ ସରକାର ଓ ପୋସ୍କୋ ଧରି ନେଇଥିଲେ ଯେ, ପୁରୁଣା ବିଜ୍ଞପ୍ତି ଅନୁଯାୟୀ ଏହି ଉଭୟ ପ୍ରକଳ୍ପ ସକାଶେ ଜନଶୁଣାଣି, ଅର୍ଥାତ୍ ସର୍ବସାଧାରଣଙ୍କ ମତାମତ ନେବାର ଦରକାର ପଡିବନି । ତେଣୁ ବୁଝାମଣାପତ୍ର ଏଭଳି ପରିଭାଷାରେ ଲେଖା ହୋଇଥିଲା ଯେ, ଯେପରିକି ମନେହେବ ଓଡିଶା ସରକାର ପୋସ୍କୋକୁ କେବଳ ଇସ୍ପାତ କାରଖାନା ଓ ବନ୍ଦର ପାଇଁ ୪ ହଜାର ଏକର ଜମି ଯୋଗାଇ ଦେବାରେ କୌଣସି ବୈଧାନିକ କିମ୍ବା ଅନ୍ୟ ଧରଣର ବାଧା ଉପୁଜିବ ନାହିଁ (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୫) । କିନ୍ତୁ କଳିଙ୍ଗନଗର ବିଭୀଷିକା ପରେ କେନ୍ଦ୍ର ସରକାର ବାଧ୍ୟ ହୋଇ ନୂତନ ବିଜ୍ଞପ୍ତିକୁ ଘୋଷଣା କଲେ, ଏବଂ ବିଶେଷକରି ନନ୍ଦିଗ୍ରାମର ବିଭୀଷିକା ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ସରକାର ପୋସ୍କୋ-ପ୍ରସ୍ତାବିତ ପ୍ରକଳ୍ପପୁଞ୍ଜ ପାଇଁ ଜନଶୁଣାଣି ଆୟୋଜନ କରିବାକୁ ବାଧ୍ୟ ହେଲେ । ସୁତରାଂ ଏଥିରୁ ସ୍ପଷ୍ଟ ପ୍ରତୀୟମାନ ଯେ, ଯଦି ବିଜ୍ଞପ୍ତି-୨୦୦୬ ଘୋଷିତ ହୋଇନଥାନ୍ତା, ତେବେ ରାଜ୍ୟ ସରକାର ହୁଏତ୍ କଳିଙ୍ଗନଗର କାଇଦାରେ ଏତେବେଳକୁ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ କରି ପୋସ୍କୋକୁ ହସ୍ତାନ୍ତର କରିସାରନ୍ତେଣି । ଏହି ପୃଷ୍ଠଭୂମିରୁ କେନ୍ଦ୍ରୀୟ ପରିପାର୍ଶ୍ୱ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି-୨୦୦୬ର ଐତିହାସିକ ଓ ବୈପ୍ଳବିକ ତାତ୍ପର୍ଯ୍ୟ ସହଜେ ଅନୁମେୟ ।

ଜନଶୁଣାଣି ପ୍ରକ୍ରିୟାର ଗଣତାନ୍ତ୍ରୀକରଣ

ପୁରୁଣା ଓ ନୂଆ ବିଜ୍ଞପ୍ତି ଭିତରେ ସବୁଠୁଁ ବଡ ଫରକ୍ ହେଲା ଜନଶୁଣାଣିର ପ୍ରକ୍ରିୟାକୁ କେନ୍ଦ୍ର କରି । ୧୯୯୪ ବିଜ୍ଞପ୍ତିର ଅନୁସୂଚୀ-୪ ଓ ୨୦୦୬ ବିଜ୍ଞପ୍ତିର ପରିଶିଷ୍ଟ-୪ରେ ସ୍ଥାନିତ ହୋଇଥିବା ବ୍ୟବସ୍ଥାଗୁଡିକୁ ତୁଳନା କରି ଦେଖିଲେ ଦୁଇଟି ମଧ୍ୟରେ ଥିବା ଆକାଶ-ପାତାଳ ପାର୍ଥକ୍ୟ ସହଜରେ ବାରିହେବ । ପ୍ରଥମତଃ, ଏକଥା ସତ, ପୂର୍ବ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସଂପୃକ୍ତ ପରିବେଶ ବିଭାଗ, ଜିଲ୍ଲାପାଳ, ଜିଲ୍ଲା ଶିଳ୍ପକେନ୍ଦ୍ର , ଜିଲ୍ଲା ପରିଷଦ ତଥା ପୌର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟମାନଙ୍କରେ ପରିପାର୍ଶ୍ୱ ପ୍ରଭାବ ଅନୁଧ୍ୟାନର ବିବରଣୀ ଉପଲବ୍ଧ ରହିବ ବୋଲି ବ୍ୟବସ୍ଥା ଥିଲା *(ଦ୍ରଷ୍ଟବ୍ୟ- ଅନୁସୂଚୀ-୩)*, କିନ୍ତୁ ସେମାନେ ସର୍ବସାଧାରଣଙ୍କ ନିକଟରେ ଏହି ବିବରଣୀକୁ ନିର୍ଦ୍ଧାରିତ ସମୟ-ସୀମା ଭିତରେ ବ୍ୟାପକ ଭାବେ ପହୁଞ୍ଚାଇବା ପାଇଁ ନିଜ ପକ୍ଷରୁ ଇଣ୍ଟର୍‌ନେଟ୍ ସମେତ ସମସ୍ତ ପ୍ରକାର ପ୍ରସାରଣ ମାଧ୍ୟମକୁ ଉପଯୋଗ କରିବା ପାଇଁ ସୁନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ନଥିଲା, ଯାହାକି ବର୍ତ୍ତମାନର ବିଜ୍ଞପ୍ତିରେ ବାରମ୍ବାର ଦୋହରାଯାଇଛି *[ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୭ ଅଧୀନସ୍ଥ ପର୍ଯ୍ୟାୟ-୩(୪) ଏବଂ ପରିଶିଷ୍ଟ ୪ର ଅନୁଚ୍ଛେଦ ୨-୩]* । ଏପରିକି ସଂପୃକ୍ତ ଅଞ୍ଚଳର ପାଠାଗାର ଓ ପଞ୍ଚାୟତ କାର୍ଯ୍ୟାଳୟମାନଙ୍କୁ ଏହି ବିବରଣୀର ସାରାଂଶକୁ ପଠାଇବା ପାଇଁ ନୂତନ ବିଜ୍ଞପ୍ତିରେ ନିର୍ଦ୍ଦେଶନା ଦିଆଯାଇଛି *(ଦ୍ରଷ୍ଟବ୍ୟ- ପରିଶିଷ୍ଟ ୪ର ଅନୁଚ୍ଛେଦ ୨-୪)*। ଦ୍ୱିତୀୟ ଏବଂ ଅଧିକ ବଳିଷ୍ଠ ପାର୍ଥକ୍ୟ ହେଲା, ଜନଶୁଣାଣି ବୈଠକ କିପରି ଅନୁଷ୍ଠିତ ହେବ ଏବଂ ସର୍ବସାଧାରଣଙ୍କ ମତାମତକୁ କିପରି ଲିପିବଦ୍ଧ କରାଯିବ, ସେ ପ୍ରଶ୍ନକୁ କେନ୍ଦ୍ର କରି । ପୂର୍ବ ବିଜ୍ଞପ୍ତିରେ ଏ ବିଷୟରେ କୌଣସି ସବିଶେଷ ପ୍ରକ୍ରିୟା ସୂଚୀତ ହୋଇନଥିଲା; କେବଳ ଏତିକି ବ୍ୟବସ୍ଥା ଥିଲା ଯେ, ଜନଶୁଣାଣି କରୁଥିବା କମିଟି ଭିତରେ ସଂପୃକ୍ତ ପୌର ସଂସ୍ଥା ବା ପଞ୍ଚାୟତର ସର୍ବାଧିକ ୩ଜଣ ପ୍ରତିନିଧି ଏବଂ ସଂପୃକ୍ତ ଅଞ୍ଚଳର ସର୍ବାଧିକ ୩ଜଣ ବରିଷ୍ଠ ନାଗରିକ ଅନ୍ତର୍ଭୁକ୍ତ ଥିବେ, ଯାହାଙ୍କୁ ଜିଲ୍ଲାପାଳ ମନୋନୀତ କରିଥିବେ *(ଦ୍ରଷ୍ଟବ୍ୟ- ଅନୁସୂଚୀ ୪ର ଅନୁଚ୍ଛେଦ ୩)*। କିନ୍ତୁ ଜନଶୁଣାଣି ବୈଠକ କିପରି ଆୟୋଜିତ ହେବ, ସେ ବିଷୟରେ ସବିଶେଷ ବ୍ୟବସ୍ଥା ସୂଚୀତ ହୋଇନଥିବାରୁ ରାଜ୍ୟସରକାରମାନେ ଏପ୍ରକାର ବୈଠକକୁ ମନମୁଖୀଭାବେ, ଏପରିକି ରୁଦ୍ଧଦ୍ୱାର ପ୍ରକୋଷ୍ଠରେ କରାଇ ନେଉଥିଲେ, ଏବଂ ନିଜକୁ ସୁହାଇବା ଢଙ୍ଗରେ ଆପତ୍ତିକାରୀ ନାଗରିକମାନଙ୍କ ଟିପ୍‌ପଣୀକୁ ଲିପିବଦ୍ଧ କରୁଥିଲେ, ଏବଂ ସର୍ବୋପରି ଭିଡିଓ ଚିତ୍ର ଉତ୍ତୋଳନ କରିବାର ସୁଯୋଗ ନଥିବାରୁ, ଭୁଲ୍‌ଭାବେ ଲିପିବଦ୍ଧ ହୋଇଥିବା ଟିପ୍‌ପଣୀକୁ କୌଣସିମତେ ପ୍ରଶ୍ନ କରିବାର ଅବକାଶ ନାଗରିକମାନଙ୍କ ପାଖରେ ନଥିଲା । କିନ୍ତୁ ବର୍ତ୍ତମାନର ବିଜ୍ଞପ୍ତିର *ପରିଶିଷ୍ଟ-୪(ଜନଶୁଣାଣି ପରିଚାଳନାର ପ୍ରକ୍ରିୟା)*ରେ ସ୍ଥାନିତ ହୋଇଥବା ବିସ୍ତାରିତ ବ୍ୟବସ୍ଥାବଳୀ ଅନୁଯାୟୀ ପ୍ରଶାସନର ଏପ୍ରକାର ମନମୁଖିତା ଆଦୌ ଚଳିପାରିବ ନାହିଁ ।

ଜନଶୁଣାଣିରେ ଜନତାଙ୍କର ସାର୍ବଭୌମ ଅଧିକାର

ପ୍ରଥମତଃ ନୂତନ ବିଜ୍ଞପ୍ତିର ପରିଶିଷ୍ଟ-୪ ଅନୁଯାୟୀ ଜନଶୁଣାଣିକୁ ଆସିଥିବା ସମସ୍ତ ବ୍ୟକ୍ତିମାନଙ୍କର ନାମକୁ ପଂଜିକରଣ କରାଯିବ । ଦ୍ୱିତୀୟତଃ, ପ୍ରକଳ୍ପ ପ୍ରସ୍ତାବକଙ୍କ ପ୍ରତିନିଧି ପରିପାର୍ଶ୍ୱ ପ୍ରଭାବ ଅନୁଧ୍ୟାନର ସାରାଂଶ ଉପସ୍ଥାପନ କଲାପରେ ଉପସ୍ଥିତ ବ୍ୟକ୍ତିମାନଙ୍କ ଭିତରୁ ବ୍ୟକ୍ତବ୍ୟ ରଖିବା ପାଇଁ ଆଗ୍ରହୀ ଥିବା

ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେଥିପାଇଁ ସୁଯୋଗ ଦିଆଯିବ । ଏହାଛଡା ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା ଯେ କୌଣସି ବ୍ୟକ୍ତି ତାଙ୍କର ମତାମତକୁ ଲିଖିତ ଭାବେ ମଧ୍ୟ ପେଶ୍ କରିପାରିବେ *(ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୭ର ପର୍ଯ୍ୟାୟ-୩)* । ତୃତୀୟତଃ, ଜନଶୁଣାଣିର ସମସ୍ତ କାର୍ଯ୍ୟବିଧିକୁ ଭିଡିଓ ରେକର୍ଡିଂ କରାଯିବ, ଏବଂ ସଂପୃକ୍ତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧିଙ୍କ ଦ୍ୱାରା ନିର୍ଭୁଲ୍ ଭାବେ ଅଲଗା କରି ଲିପିବଦ୍ଧ କରାଯିବ । ଚତୁର୍ଥତଃ, ସବୁ ବକ୍ତା କହିସାରିବା ପରେ ସେମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ମତାମତ ଓ ଉଦ୍‌ବେଗଗୁଡିକୁ ସଂକଳିତ କରି ବୋର୍ଡର ପ୍ରତିନିଧି ସ୍ଥାନୀୟ ଭାଷାରେ ନିଜେ ପ୍ରସ୍ତୁତ କରିଥିବା କାର୍ଯ୍ୟବିଧି ବିବରଣୀକୁ ସମସ୍ତଙ୍କ ଗୋଚରାର୍ଥେ ପଢି ଶୁଣାଇଦେବେ । ପଞ୍ଚମତଃ ଏହି ଚିଠା-ବିବରଣୀରେ ଥିବା ଭୁଲ୍‌ଭଟ୍‌କା ସମ୍ବନ୍ଧରେ ଉପସ୍ଥିତ ନାଗରିକମାନେ ମଧ୍ୟ ନିଜର ଆପତ୍ତି ଦର୍ଶାଇପାରିବେ, ଏବଂ ଏହାରି ଭିତ୍ତିରେ ହିଁ ବିବିରଣୀଟି ଚୂଡାନ୍ତ ରୂପ ଗ୍ରହଣ କରିବ ଏବଂ ତା'ପରେ ଯାଇ ବୈଠକରେ ଅଧ୍ୟକ୍ଷତା କରୁଥିବା ଜିଲ୍ଲାପାଳ କିମ୍ବା ତାଙ୍କର ପ୍ରତିନିଧି ଏଥିରେ ସ୍ୱାକ୍ଷର କରିବେ । ଷଷ୍ଠତଃ ସର୍ବସାଧାରଣଙ୍କ ଦ୍ୱାରା ଦର୍ଶିତ ହୋଇଥିବା ଆପତ୍ତିଗୁଡିକ ସହିତ ପ୍ରକଳ୍ପ-ପ୍ରସ୍ତାବକଙ୍କ ମନ୍ତବ୍ୟକୁ ମିଶେଇ ଉଭୟ ଇଂରାଜୀ ଓ ସ୍ଥାନୀୟ ଭାଷାରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ ହେବ, ଯାହାକୁ କି ସଂପୃକ୍ତ ପଞ୍ଚାୟତ, ଜିଲ୍ଲାପରିଷଦ, ଜିଲ୍ଲାପାଳ ଏବଂ ବୋର୍ଡର କାର୍ଯ୍ୟାଳୟ ମାନଙ୍କରେ ସୁଦୃଶ୍ୟ ଭାବେ ପ୍ରଦର୍ଶିତ କରାଯିବ । ଏହାଛଡା ବୋର୍ଡ ତାଙ୍କର ଓ୍ୱେବ୍‌ସାଇଟ୍‌ରେ ଏହାକୁ ସର୍ବସାଧାରଣଙ୍କ ଗୋଚରାର୍ଥେ ମଧ୍ୟ ସ୍ଥାନିତ କରିବେ । ଏହାକୁ ପଢି କୌଣସି ନାଗରିକ ଚାହିଁଲେ ତାଙ୍କର ମନ୍ତବ୍ୟକୁ ସଂପୃକ୍ତ ନିୟନ୍ତ୍ରକ କର୍ତ୍ତୃପକ୍ଷ (କେନ୍ଦ୍ରୀୟ ପରିବେଶ ମନ୍ତ୍ରଣାଳୟ ବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ବା ପ୍ରକଳ୍ପ-ପ୍ରସ୍ତାବକଙ୍କ ପାଖକୁ ସିଧାସଳଖ ପଠାଇପାରନ୍ତି । କହିବା ନିଷ୍ପ୍ରୟୋଜନ ଯେ, କେନ୍ଦ୍ରୀୟ ବିଶେଷଜ୍ଞ କମିଟି ବା କେନ୍ଦ୍ରୀୟ ପରିବେଶ ମନ୍ତ୍ରଣାଳୟ (ଯେ କି ପରିବେଶୀୟ ମଞ୍ଜୁରି ପ୍ରଦାନ ବ୍ୟାପାରରେ ସର୍ବୋଚ୍ଚ କର୍ତ୍ତୃପକ୍ଷ) ଗୋଟିଏ ପ୍ରକଳ୍ପକୁ ଅନୁମୋଦନ କରିବା ପୂର୍ବରୁ ଅନୁଷ୍ଠିତ ହୋଇଥିବା ଜନଶୁଣାଣିର ଫଳାଫଳକୁ ବିଚାରକୁ ନେଇଥିବେ ।

ଜନଶୁଣାଣି ଏକ ଉନ୍ମୁକ୍ତ ଏବଂ ସୁସ୍ୱଚ୍ଛ ପ୍ରକ୍ରିୟା

୧୯୯୪ ବିଜ୍ଞପ୍ତିରେ ଜନଶୁଣାଣି ପାଇଁ ସ୍ଥାନ-ଚୟନ ସମ୍ବନ୍ଧରେ କୌଣସି ନିର୍ଦ୍ଦେଶନା ନଥିଲା, ତେଣୁ ଅନେକ ସମୟରେ ପ୍ରକଳ୍ପ-ମାଲିକ ଏବଂ ପ୍ରଶାସନ ନିଜ ଭିତରେ ସଲାସୁତୁରା କରି ଏଭଳି ସ୍ଥାନମାନଙ୍କରେ ଜନଶୁଣାଣି କରୁଥିଲେ, ଯେଉଁଠାକୁ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ବା ପ୍ରତ୍ୟକ୍ଷଭାବେ କ୍ଷତିଗ୍ରସ୍ତ ହେଉଥିବା ସାଧାରଣ ଲୋକେ ଯାଇପାରୁନଥିଲେ କି ନିଜର ମତାମତ ଦେଇପାରୁନଥିଲେ । କିନ୍ତୁ *ବିଜ୍ଞପ୍ତି-୨୦୦୬ର ପରିଶିଷ୍ଟ-୪ର ପ୍ରଥମ ଅନୁଚ୍ଛେଦରେ* ସ୍ପଷ୍ଟଭାବେ କୁହାଯାଇଛି ଯେ, ଜନଶୁଣାଣି ପ୍ରକଳ୍ପ ସ୍ଥାନ ବା ଏହାର ଏକ ସନ୍ନିକଟ ସ୍ଥାନରେ ଅନୁଷ୍ଠିତ ହେବ, ଯାହାଫଳରେ ସ୍ଥାନୀୟ ବାସିନ୍ଦାମାନଙ୍କର ଏଥିରେ ଯଥାସମ୍ଭବ ବ୍ୟାପକ ଯୋଗଦାନକୁ ସୁନିଶ୍ଚିତ କରାଯାଇ ପାରିବ । ଏହାଛଡା, ପୂର୍ବ ବିଜ୍ଞପ୍ତି ଅନୁସାରେ ଅନୁସୃତ ଜନଶୁଣାଣି ପ୍ରକ୍ରିୟାରେ ସଂପୂର୍ଣ୍ଣ ସ୍ୱଚ୍ଛତା ନଥିଲା, ଯାହାକି ନୂତନ ବିଜ୍ଞପ୍ତି ଦ୍ୱାରା ସୁନିଶ୍ଚିତ କରାଯାଇଛି । ପ୍ରଥମତଃ ପୂର୍ବ ବିଜ୍ଞପ୍ତି ଅନୁଯାୟୀ ପ୍ରକଳ୍ପ-ପ୍ରସ୍ତାବକ ଯେଉଁ ପରିପାର୍ଶ୍ୱ ପ୍ରଭାବ ଅନୁଧ୍ୟାନ ବିବରଣୀ ଏବଂ ତହିଁର ସାରାଂଶ ପ୍ରସ୍ତୁତ କରୁଥିଲେ, ସେସବୁର ସାମଗ୍ରୀକ ରୂପରେଖ ବାବଦରେ କୌଣସି ସୁନର୍ଦ୍ଦିଷ୍ଟ ଢାଞ୍ଚା ବା ଫର୍ମାଟ୍ ନଥିଲା; ସେମାନେ କେବଳ ଜଳ ପ୍ରଦୂଷଣ ଏବଂ ବାୟୁ ପ୍ରଦୂଷଣ ଉପରେ ବିହିତ ହୋଇଥିବା ଯଥାକ୍ରମେ ଫର୍ମ-୧୩ ଏବଂ ଫର୍ମ-୧ରେ ଯାହାକିଛି ତଥ୍ୟ ପରିବେଷଣ କରୁଥିଲେ *(ଦ୍ରଷ୍ଟବ୍ୟ- ଅନୁସୂଚୀ ୪)*। ଏହାଫଳରେ ଜନସ୍ୱାର୍ଥ ଦୃଷ୍ଟିରୁ ଅତୀବ ଗୁରୁତ୍ୱପୂର୍ଣ୍ଣ ବହୁ ତଥ୍ୟ ବିବରଣୀରୁ ବାଦ ପଡିଯାଉଥିଲା । କିନ୍ତୁ ବର୍ତ୍ତମାନର ବିଜ୍ଞପ୍ତି ଅନୁଯାୟୀ ଉଭୟ ସଂପୂର୍ଣ୍ଣ ଓ ସାରାଂଶ ବିବରଣୀର ବିଶଦ୍ ଗଠନ-ଢାଞ୍ଚା ବିନିର୍ଦ୍ଦିଷ୍ଟ ହୋଇଯାଇଛି, ଯହିଁରୁ ବିଚ୍ୟୁତି ଘଟାଇବା ଦୋଷାବହ ବୋଲି ମନେ କରାଯିବ *(ଦ୍ରଷ୍ଟବ୍ୟ - ପରିଶିଷ୍ଟ ୩ ଓ ୩ଏ)* । ଦ୍ୱିତୀୟତଃ, ପୂର୍ବ ବିଜ୍ଞପ୍ତି ଅନୁଯାୟୀ କେଉଁ ବିଶେଷଜ୍ଞ ବା ସର୍ବେକ୍ଷକମାନଙ୍କ ଦ୍ୱାରା ବିବରଣୀ ପ୍ରସ୍ତୁତ ହୋଇଛି, ତାହା ଲୋକେ ଜାଣିବାର ଉପାୟ ନଥିଲା; କିନ୍ତୁ ବର୍ତ୍ତମାନ ନୂତନ ବିଜ୍ଞପ୍ତିରେ ବିବରଣୀର ଗଠନ-ଢାଞ୍ଚା ବାବଦରେ ବିନିର୍ଦ୍ଦିଷ୍ଟ ହୋଇଥିବା ଫର୍ମ *(ପରିଶିଷ୍ଟ-୩ର ବିନ୍ଦୁ-୧୨)* ଅନୁଯାୟୀ ଉପରୋକ୍ତ ଧରଣର ସୂଚନାକୁ ବିବରଣୀରେ ସ୍ଥାନିତ କରିବା ବାଧ୍ୟତାମୂଳକ । ତୃତୀୟତଃ, ବିବରଣୀ ପ୍ରସ୍ତୁତ ହେବା ପୂର୍ବରୁ ପ୍ରକଳ୍ପ-ପ୍ରସ୍ତାବକ ଓ ସଂପୃକ୍ତ ସରକାରୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ କିପ୍ରକାର ମତବିନିମୟ ହୋଇଛି, ତାହା ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଜାଣିବା ଅସମ୍ଭବ ଥିଲା । କିନ୍ତୁ ବର୍ତ୍ତମାନର ବିଜ୍ଞପ୍ତି ଅନୁଯାୟୀ ପ୍ରକଳ୍ପ-ପ୍ରସ୍ତାବକ ପରିଶିଷ୍ଟ-୧ରେ ସ୍ଥାନିତ ହୋଇଥିବା ଫର୍ମ ଅନୁଯାୟୀ ପରିବେଶ ଅନୁଧ୍ୟାନ ସକାଶେ ଅନୁମତି ଲୋଡି ଯେଉଁ ଦରଖାସ୍ତ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ପାଖରେ ଦାଖଲ କରିଥିବେ, ସେହି ଦରଖାସ୍ତକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିବରଣୀର ସାରାଂଶ ସହିତ ନିଜ ଓ୍ୱେବ୍‌ସାଇଟ୍‌ରେ ଜନଶୁଣାଣି ଉଦ୍ଦେଶ୍ୟରେ ପ୍ରଦର୍ଶୀତ କରିଥିବେ *[ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୭ର ପର୍ଯ୍ୟାୟ ୩(୬)]* । ଚତୁର୍ଥତଃ, ସଂପୃକ୍ତ ନିୟନ୍ତ୍ରକ କର୍ତ୍ତୃପକ୍ଷଙ୍କ ଦ୍ୱାରା କେଉଁ ପ୍ରସଙ୍ଗ-ସୂଚୀ ଅନୁମୋଦିତ ହୋଇଥିଲା ଏବଂ ପ୍ରକଳ୍ପ-ପ୍ରସ୍ତାବକଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ପ୍ରଭାବ ଅନୁଧ୍ୟାନ ବିବରଣୀ ସେହି ପ୍ରସଙ୍ଗ-ସୂଚୀକୁ ଅନୁପାଳନ କରିଛି କି ନାହିଁ, ତାହା ଜାଣିବାର ଉପାୟ ପୂର୍ବ ବିଜ୍ଞପ୍ତି ଅମଳରେ ନଥିଲା । କିନ୍ତୁ ବର୍ତ୍ତମାନର ବିଜ୍ଞପ୍ତି ଅନୁଯାୟୀ ଲୋକେ ତାହା ଜାଣିପାରିବେ *(ଦ୍ରଷ୍ଟବ୍ୟ- ପରିଶିଷ୍ଟ ୩ର ବିନ୍ଦୁ-୧)*।

ପୋସ୍କୋ ଜନଶୁଣାଣିର ସମୀକ୍ଷା ଜରୁରୀ

ଆମେ ଦେଖିଲେ, ୧୯୯୪ ପରିପାର୍ଶ୍ୱ ପ୍ରଭାବ ଅନୁଧ୍ୟାନ ବିଜ୍ଞପ୍ତି ଅନୁଯାୟୀ ଜନଶୁଣାଣି ପ୍ରକ୍ରିୟାରେ ପ୍ରକଳ୍ପ କ୍ଷତିଗ୍ରସ୍ତ ଓ ପ୍ରଭାବିତ ସର୍ବସାଧାରଣଙ୍କର ଅଧିକାର ଓ ଭାଗିଦାରିତା ସୀମିତ ଓ ସଂକୁଚିତ ଥିବା ବେଳେ ୨୦୦୬ ବିଜ୍ଞପ୍ତିରେ ତାହା ଯଥେଷ୍ଟ ମାତ୍ରାରେ ବ୍ୟାପକ ଓ ସୁଦୂରପ୍ରସାରୀ ହୋଇପାରିଛି । କିନ୍ତୁ, ଏ ବିଷୟରେ କେବଳ ସାଧାରଣ ଲୋକେ ନୁହଁନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସଂପୃକ୍ତ ଜିଲ୍ଲା ପ୍ରଶାସନ, ପୌର ଓ ପଞ୍ଚାୟତିରାଜ ସଂସ୍ଥାସମୂହ, ପୋଲିସ୍ ତଥା ରାଜନେତାମାନେ ମଧ୍ୟ ସଚେତନ ଥିବା ଭଳି ମନେହୁଏ ନାହିଁ । ନଚେତ୍ ଦେଶର ସର୍ବବୃହତ୍ ବୈଦେଶିକ ପୁଂଜିନିବେଶ ପାଇଁ ଉଦ୍ଦିଷ୍ଟ ପୋସ୍କୋ ପ୍ରକଳ୍ପ ଉପରେ ନୂତନ ବିଜ୍ଞପ୍ତି ଅନୁଯାୟୀ ନିକଟରେ ଆୟୋଜିତ ହୋଇଥିବା ଜନଶୁଣାଣି ପ୍ରକ୍ରିୟାରେ ଏତେଗୁଡିଏ ଆଖିଦୃଶିଆ ଉଲ୍ଲଂଘନ ଘଟିନଥାନ୍ତା । ସବୁଠାରୁ ବଡ ଉଲ୍ଲଂଘନ ଥିଲା ଜନଶୁଣାଣିର ସ୍ଥାନ-ଚୟନକୁ କେନ୍ଦ୍ର କରି, ଯାହାକି ସେଠାରେ ଲିଖିତ ବା ମୌଖିକ ବୟାନ୍ ଦେଇଥିବା ପ୍ରତି ନାଗରିକର ବକ୍ତବ୍ୟରେ ସୁସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା । ଏବଂ ସେହି କାରଣରୁ ସେମାନେ ସମସ୍ୱରରେ ଦାବୀ କରିଥିଲେ ଯେ, ଆଉ ଏକ ଜନଶୁଣାଣି ବିଧିବଦ୍ଧ ଢଙ୍ଗରେ ସଂପୃକ୍ତ ୩ ପଞ୍ଚାୟତ (ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ)ର ଏକ ମଧ୍ୟବର୍ତ୍ତୀ ସ୍ଥଳରେ କରାଯାଉ । ପୋସ୍କୋ ଜନଶୁଣାଣି ପ୍ରକ୍ରିୟାକୁ ପ୍ରତ୍ୟକ୍ଷଭାବେ ମୂଳରୁ ଶେଷଯାଏଁ ଅନୁଧ୍ୟାନ କରିଥିବା ଏହି ଲେଖକର ମତ ହେଲା, ଏହି ଜନଶୁଣାଣି ପ୍ରକ୍ରିୟାର ପଂଖାନୁପୁଂଖ ସମୀକ୍ଷଣ ଜରୁରୀ, କାହିଁକି ନା, ପୋସ୍କୋ ଜନଶୁଣାଣିର ଦୃଷ୍ଟାନ୍ତ ହିଁ ବାଟ କଢେଇବ ଦେଶର ବିଭିନ୍ନ ପ୍ରାନ୍ତରେ ବୃହତ୍ ଘରୋଇ ପ୍ରକଳ୍ପଗୁଡିକୁ କେନ୍ଦ୍ରକରି ଆଗାମୀ ଦିନରେ ହେବାକୁ ଥିବା ଅସଂଖ୍ୟ ଜନଶୁଣାଣିକୁ ।

**Chitta Behera, 4A Jubilee Tower, Choudhury Bazar, Cuttack-9, PH: 9437577546/ 9861091455, dt 19.4.07**